# Phone call between Prime Minister Shri NarendraModi and H.E. SUGA Yoshihide, Prime Minister of Japan

September 25, 2020

---

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଜାପାନର ପ୍ରଧାନମନ୍ତ୍ରୀ ସୁଗା ୟୋଶିହିଡେଙ୍କ ମଧ୍ୟରେ ଫୋନରେ ବାର୍ତା

ସେପ୍ଟେମ୍ବର 25, 2020

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଜାପାନର ପ୍ରଧାନମନ୍ତ୍ରୀ ମାନ୍ୟବର ସୁଗା ୟୋଶିହିଡେଙ୍କ ସହ ଫୋନରେ ବାର୍ତା ହୋଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ସୁଗାଙ୍କୁ ଜାପାନର ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ମିଳିଥିବାରୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ସଫଳତା ପାଇଁ କାମନା କରିଥିଲେ।

ଦୁଇ ନେତା ଏକମତ ହୋଇଥିଲେ ଯେ ଗତ କିଛି ବର୍ଷ ମଧ୍ୟରେ ଭାରତ-ଜାପାନ 'ସ୍ପେଶାଲ୍ ଷ୍ଟ୍ରାଟେଜିକ୍ ଆଣ୍ଡ ଗ୍ଲୋବାଲ୍ ପାର୍ଟନରସିପ୍' ବହୁତ ଅଗ୍ରଗତି କରିଛି ଏବଂ ପାରସ୍ପରିକ ବିଶ୍ୱାସ ଏବଂ ସହଭାଗୀ ମୂଲ୍ୟବୋଧକୁ ଆଧାର କରି ଏହି ସମ୍ପର୍କକୁ ଆହୁରି ମଜବୁତ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ।

ଉଭୟ ଏକମତ ହୋଇଥିଲେ ଯେ ଦୁଇ ଦେଶ ମଧ୍ୟରେ ଭାଗିଦାରୀ ବର୍ତ୍ତମାନ ସମୟରେ, ବିଶେଷ କରି ବିଶ୍ୱ ମହାମାରୀ କୋଭିଡ- 19 ପରିପ୍ରେକ୍ଷୀରେ, ଅଧିକ ଜରୁରୀ। ଏକ ମୁକ୍ତ, ଖୋଲା, ସମୃଦ୍ଧ ତଥା ଅନ୍ତର୍ଭୂକ୍ତ ଇଣ୍ଡୋପାସିଫିକ୍ ଅଂଚଳର ଅର୍ଥନୈତିକ ସଂରଚନା ସୁଦୃଢ ଯୋଗାଣ ବ୍ୟବସ୍ଥା ଉପରେ ଆଧାରିତ ହେବା ଜରୁରୀ ବୋଲି ଉଭୟ ଗୁରୁତ୍ୱ ଦେଇଥିଲେ, ଏବଂ ଏହି ପରିପ୍ରେକ୍ଷୀରେ ଭାରତ, ଜାପାନ ଓ ଅନ୍ୟ ସମାନ ବିଚାରଧାରାର ଦେଶମାନଙ୍କ ମଧ୍ୟରେ ଥିବା ସହଯୋଗର ସ୍ୱାଗତ କରିଥିଲେ।

ଦୁଇ ନେତା ଉଭୟ ଦେଶ ମଧ୍ୟରେ ଅର୍ଥନୈତିକ ଭାଗିଦାରୀର ପ୍ରଗତିକୁ ପ୍ରଶଂସା କରିଥିଲେ, ଏବଂ ଏହି ପରିପ୍ରେକ୍ଷୀରେ ବିଶେଷଜ୍ଞ କୁଶଳୀ ଶ୍ରମିକମାନଙ୍କ ସମ୍ବନ୍ଧୀୟ ଚୁକ୍ତିର ଚୂଡାନ୍ତକରଣକୁ ସ୍ୱାଗତ କରିଥିଲେ। ବିଶ୍ୱ ମହାମାରୀ କୋଭିଡ-19 ସ୍ଥିତିରେ ସୁଧାର ଆସିବା ପରେ ବାର୍ଷିକ ଦ୍ୱିପାକ୍ଷିକ ସମ୍ମିଳନୀ ପାଇଁ ଭାରତ ଗସ୍ତରେ ଆସିବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଜାପାନର ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଥିଲେ।

**ନୂଆଦିଲ୍ଲୀ**

**ସେପ୍ଟେମ୍ବର 25, 2020**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.